بسم الله الرحمن الرحيم

ଖୁତବା ଜୁମା ୦୭ ଡ଼ିସେମ୍ବର ୨୦୧୮ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦର ସାହାବା ହଜ଼ରତ୍ ଉବୈଦ୍ ବିନ୍ ଜୈଦ୍ ଅନସାରୀ, ହଜ଼ରତ୍ ଜ଼ାହିଦ୍ ବିନ୍ ହରାମ୍ ଅଲ୍ ଅଶ୍‌ଜଈ, ହଜ଼ରତ୍ ଜୈଦ୍ ବିନ୍ ଖତ୍ତାବ୍, ହଜ଼ରତ୍ ଉବାଦାହ୍ ବିନ୍ ଖଶ୍‌ଖାଶ୍, ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜଦ୍ ଏବଂ ହଜ଼ରତ୍ ହାରିସ୍ ବିନ୍ ଅସ୍ ବିନ୍ ମୁଆଜ୍ ର.ଅଙ୍କ ବିଶ୍ୱାସ ବର୍ଦ୍ଧକ, ହୃଦୟଦ୍ରାବୀ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବାମାନଙ୍କର ଚର୍ଚ୍ଚା ହେବ ତନ୍ମଧ୍ୟରୁ ପ୍ରଥମ ହେଉଛନ୍ତି ହଜ଼ରତ୍ ଉବୈଦ୍ ବିନ୍ ଜୈଦ୍ ଅନସାରୀ ର.ଅ । ସେ ବନୁ ଉଜଲାନ୍ ସଂପ୍ରଦାୟଭୁକ୍ତ ଥିଲେ ଏବଂ ବଦର୍ ଯୁଦ୍ଧ, ଓହୋଦ୍ ଯୁଦ୍ଧରେ ସେ ଶାମିଲ୍ ହୋଇଥିଲେ । ହଜ଼ରତ୍ ମୁଆଜ୍ ବିନ୍ ରଫାଅ୍ ନିଜ ପିତାଙ୍କଠୁ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜର ଭାଇ ହଜ଼ରତ୍ ଖଲ୍ଲାଦ୍ ବିନ୍ ରାଫେଙ୍କ ସହଯାତ୍ରୀଭାବେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଏକ ରୁଗଣ ତଥା ଦୁର୍ବଳ ଓଟ ଉପରେ ଆରୋହଣ ହୋଇ ବଦର ଅଭିମୁଖେ ବାହାରିଥିଲୁ । ଆମ ସହିତ ଉବୈଦ୍ ବିନ୍ ଜୈଦ୍ ମଧ୍ୟ ଥିଲେ । ଯେତେବେଳେ ଆମେମାନେ **ବରିଦ୍** ନାମକ ଏକ ସ୍ଥାନରେ ପହଞ୍ଚିଲୁ, ଯାହାକି ରୋହା ନାମକ (ସ୍ଥାନ) ଠାରୁ ପଛରେ ଅବସ୍ଥିତ । ସେତେବେଳେ ଆମର ଓଟଟି ସେଠାରେ ବସିପଡ଼ିଲା । ମୁଁ ପ୍ରାର୍ଥନା କଲି ଯେ, ହେ ଅଲ୍ଲାଃତାଲା ! ଆମେମାନେ ଆପଣଙ୍କ ଉଦ୍ଦେଶ୍ୟରେ ମାନସିକ କରୁଛୁ ଯେ, ଯଦି ଆମେମାନେ ମଦିନା ଠାରେ ପହଞ୍ଚିଯାଉ ତେବେ ଆମେମାନେ ଏହି ଓଟଟିକୁ ବଳି (ଉତ୍ସର୍ଗ) କରିଦେବୁ । ଉଲ୍ଲେଖ କରାଯାଏ ଯେ, ଆମେମାନେ ଏହିପରି ଅବସ୍ଥାରେ ଥିଲୁ କି ରସୁଲୁଲ୍ଲାଃ ସ.ଅ ଆମ ନିକଟରୁ ଅତିକ୍ରମ କଲେ ଏବଂ ହୁଜୁର୍ ସ.ଅଙ୍କର ଆଗମନ ଆମ ଗହଣକୁ ହେଲା । ହୁଜୁର୍ ସ.ଅ ଆମମାନଙ୍କୁ ପ୍ରଶ୍ନ କଲେ ଯେ, ତୁମ ଦୁଇଜଣଙ୍କର କ'ଣ ହୋଇଛି ? ସେତେବେଳେ ଆମେମାନେ ହୁଜୁର୍ ସ.ଅଙ୍କୁ ସଂପୂର୍ଣ୍ଣ କଥା ବିଷୟରେ କହିଲୁ । ତେବେ ରସୁଲୁଲ୍ଲାଃ ସ.ଅ ଆମ ପାଖରେ ରହିଲେ, ୱଜୁ (ପ୍ରେକ୍ଷାଳନ) କଲେ ଏବଂ ଅଇଁଠା ପାଣିରେ ନିଜର ଲାଳ ପକାଇଲେ ଏବଂ ପୁନଶ୍ଚ ହୁଜୁର୍ ସ.ଅଙ୍କ ଆଦେଶକ୍ରମେ ଆମେମାନେ ଓଟର ମୁହଁ ଖୋଲିଦେଲୁ । ହୁଜୁର୍ ସ.ଅ ଓଟର ମୁହଁରେ କିଛି ପାଣି ପକାଇଲେ ଏବଂ ପରେ ପରେ ତାହାର ମୁଣ୍ଡ ଉପରେ, କାନ୍ଧ ଉପରେ, କୁଦ ବା ଢିପ ଉପରେ, ତାହାର ପିଠି ଉପରେ ଏବଂ କିଛି ପାଣି ତାହାର ଲାଞ୍ଜ ଉପରେ ପକାଇଲେ । ପୁନଶ୍ଚ ହୁଜୁର୍ ସ.ଅ ପ୍ରାର୍ଥନା କଲେ ଯେ, ହେ ଅଲ୍ଲାଃ ତୁମ୍ଭେ ରାଫେ ଏବଂ ଖଲ୍ଲାଦଙ୍କୁ ଏହି ଓଟ ଉପରେ ଆରୋହଣ କରି (ଅର୍ଥାତ୍ ବସାଇ) ନେଇଯାଅ । ପୁନଶ୍ଚ ସେ କହନ୍ତି ଯେ, ରସୁଲୁଲ୍ଲାଃ ସ.ଅ ତ' ସେଠାରୁ ପ୍ରସ୍ଥାନ କଲେ ଏବଂ ସେହିପରି ଆମେମାନେ ମଧ୍ୟ ସେଠାରୁ ବାହାରି ପଡ଼ିଲୁ । ଏପର୍ଯ୍ୟନ୍ତକି ଆମେମାନେ ରସୁଲୁଲ୍ଲାଃ ସ.ଙ୍କୁ **ମୁନସଫ୍** ନାମକ ସ୍ଥାନର ପ୍ରାରମ୍ଭିକ ପଥରେ ଭେଟିଲୁ । ଆମର ଓଟଟି ଦଳର ସର୍ବାଗ୍ରରେ ରହିଥିଲା । ଯେତେବେଳେ ରସୁଲୁଲ୍ଲାଃ ସ.ଅ ଆମମାନଙ୍କୁ ଦେଖିଲେ ସେତେବେଳେ ସେ ସ୍ମିତହାସ୍ୟ ପ୍ରକାଶ କଲେ । ଆମେ ଚାଲିଥିଲୁ ଏପର୍ଯ୍ୟନ୍ତ କି ବଦର୍ ଠାରେ ପହଞ୍ଚି ଗଲୁ ଏବଂ ବଦରରୁ ଫେରିବା ସମୟରେ ଆମର ଓଟ **ମୁସଲ୍ଲି** ନାମକ ସ୍ଥାନରେ ବସି ପଡ଼ିଲା । ସେତେବେଳେ ମୋ ଭାଇ ସେହି ଓଟଟିକୁ ଜେବହ୍ କରିପକାଇଲେ ଏବଂ ତାହାର ମାଂସ ସଦକ଼ା (ଦାନ) କରିଦେଲେ । ହୁଜୁର୍ ଅନୱର୍ କହିଲେ ଯେ, ଏହି ଘଟଣାରେ ହଜ଼ରତ୍ ଉବୈଦ୍ ବିନ୍ ଜୈଦ୍ ଅନସାରୀ ମଧ୍ୟ ସଂପୃକ୍ତ ଥିଲେ ।

ହଜ଼ରତ୍ **ଜ଼ାହିର୍ ବିନ୍ ହରାମ୍ ଅଲ୍ ଅଶଜୟି** ନାମକ ଜଣେ ସାହାବି ଥିଲେ । ସେ ମଧ୍ୟ ବଦରୀ ସାହାବି ଅଟନ୍ତି । ସେ ଅସଜାଅ୍ ସଂପ୍ରଦାୟଭୁକ୍ତ ଥିଲେ । ବଦର୍ ଯୁଦ୍ଧରେ ସେ ହୁଜୁର୍ ସ.ଙ୍କ ସହିତ ଶାମିଲ୍ ହୋଇଥିଲେ । ହଜ଼ରତ୍ ଅନସ୍ ବିନ ମାଲିକଙ୍କଠୁ ବର୍ଣ୍ଣନା କରଯାଏ ଯେ, ଆଦିବାସୀମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଥିଲା ଯାହାଙ୍କ ନାମ ଜ଼ାହିର୍ ଥିଲା । ସେ ଆଁହଜ଼ରତ୍ ସ.ଅଙ୍କ ପାଇଁ ଗିରିଜନମାନଙ୍କ ଠାରୁ ଉପହାର ବା ଭେଟି ଆଣୁଥିଲେ ଏବଂ ଯେତେବେଳେ ସେ ଯିବାକୁ ଲାଗୁଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ ମଧ୍ୟ ହଜ଼ରତ୍ ଜ଼ାହିର ର.ଅଙ୍କୁ ଅନେକ ଧନରତ୍ନ ଦେଇ ବିଦା କରୁଥିଲେ । ଆଁହଜ଼ରତ୍ ସ.ଅ କହୁଥିଲେ ଯେ, ଜ଼ାହିର୍ ଆମ ମଧ୍ୟରୁ ଜଣେ ବିଶିଷ୍ଟ ବ୍ୟକ୍ତି ଅଟନ୍ତି । ଆଁହଜ଼ରତ୍ ତାଙ୍କୁ ବହୁତ ଭଲ ପାଉଥିଲେ । ହଜ଼ରତ୍ ଜ଼ାହିର୍ ଜଣେ ସାଧାରଣ ମୁଖମଣ୍ଡଳର ଅଧିକାରୀ ଥିଲେ ।

ଏକଦା ଏପରି ହେଲା ଯେ, ହଜରତ୍ ଜାହିର୍ ବଜାରରେ ନିଜର କିଛି ଜିନିଷଦ୍ରବ୍ୟ ବିକ୍ରି କରୁଥିଲେ । ସେତେବେଳେ ହୁଜୁର୍ ସ.ଅ ତାଙ୍କ ନିକଟକୁ ଗଲେ ଏବଂ ପଛ ପଟୁ ତାଙ୍କୁ ନିଜର ଛାତି ସହିତ ଆଲିଙ୍ଗନ (ବା କୁଣ୍ଡାଇ ନେଲେ) କରିନେଲେ । ଅନ୍ୟ ଏକ ରିୱାୟତ ଅନୁଯାୟୀ ରସୁଲୁଲ୍ଲାଃ ସ.ଅ ପଛ ପଟୁ ଆସି ଜାହିର୍ ର.ଙ୍କର ଆଖି ଉପରେ ହାତ ରଖିଦେଲେ । ହଜରତ୍ ଜାହିର୍ ର.ଅ ହୁଜୁର୍ ସ.ଙ୍କୁ ଦେଖିପାରୁ ନଥିଲେ ତେଣୁ ସେ ପଚାରିଲେ କିଏ ? ମୋତେ ଛାଡ଼ି ଦିଅ ! କିନ୍ତୁ ଯେତେବେଳେ ସେ ଏହା ଅନୁଭବ କରିବାକୁ ଲାଗିଲେ ତେବେ ସେ ଜାଣିପାରିଲେ ଯେ, ଏ ତ' ଆଁହଜରତ୍ ସ.ଅ ଅଟନ୍ତି । ଅତଃ ସେ ନିଜର ଅଣ୍ଟାକୁ ନବୀ କରିମ୍ ସ.ଙ୍କ ପବିତ୍ର ଛାତି ସହିତ ମିଶାଇ ଦେଲେ । ଆଁହଜରତ୍ ହାସ୍ୟାସ୍ପଦ ଢଙ୍ଗରେ କହିଲେ କିଏ ଏହି ଦାସକୁ କିଣିବ । ହଜରତ୍ ଜାହିର୍ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ତେବେ ଆପଣ ମୋତେ କିଣି କ୍ଷତିର ବ୍ୟାପାର କରିବେ ? ପ୍ରତ୍ୟୁତ୍ତରରେ କହିଲେ ଯେ, ଅଲ୍ଲାଃତାଲାଙ୍କ ନିକଟରେ ତୁମେ ମୋ ପାଇଁ କୌଣସି କ୍ଷତିର ବ୍ୟାପାର ନୁହେଁ । ବରଂ ବହୁତ ଅମୂଲ୍ୟ ସଂପଦ ଅଟ ।

ଏକ ଅବସରରେ ହୁଜୁର୍ ସ.ଅ କହିଲେ ଯେ, ପ୍ରତ୍ୟେକ ସହରୀ ବ୍ୟକ୍ତିର କୌଣସି ନା କୌଣସି ଗାଉଁଲି ସଂପର୍କୀୟ ବ୍ୟକ୍ତି ଜଣେ ଥାଏ ଏବଂ ଆଁହଜରତ୍ ସ.ଅଙ୍କ ସନ୍ତାନଙ୍କର ମଧ୍ୟ ଜଣେ ଗାଉଁଲି ସଂପର୍କୀୟ ଜାହିର୍ ବିନ୍ ହରାମ ଅଟନ୍ତି । ପରବର୍ତ୍ତୀ ସମୟରେ ହଜରତ୍ ଜାହିର୍ ର.ଅ **କୁଫାରେ** ସ୍ଥାନାନ୍ତରିତ ହୋଇ ଯାଇଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଉଛି ହଜରତ୍ ଜୈଦ୍ ବିନ୍ ଖତ୍ତାବ୍ ର.ଅ । ସେ ହଜରତ୍ ଉମର୍ ର.ଅଙ୍କର ବଡ଼ ଭାଇ ଥିଲେ ଏବଂ ହଜରତ୍ ଉମର୍ ର.ଅଙ୍କ ଇସଲାମ୍ ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ ସେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇସାରିଥିଲେ । ସେ ପ୍ରାରମ୍ଭିକ ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେ ବଦର୍, ଓହୋଦ୍, ଖନ୍ଦକ୍ ଏବଂ ହୁଦେବିୟା ଯୁଦ୍ଧରେ ଏବଂ ସେହିପରି ବୈଅତେ ରିଜୱାନ୍ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ହୁଜୁର୍ ସ.ଅ ଜୈଦ୍ ବିନ୍ ଖତ୍ତାବ୍ ଏବଂ ହଜରତ୍ ମାଅନ୍ ବିନ୍ ଅଦିଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ଏହି ଦୁଇ ଜଣ ସାହାବି ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ଓହୋଦ୍ ଯୁଦ୍ଧ ଦିନ ହଜରତ୍ ଉମର୍ ର.ଅ ହଜରତ୍ ଜୈଦ୍ ର.ଅଙ୍କୁ ଅଲ୍ଲାଃତାଲାଙ୍କର ଶପଥ ଦେଇ କହିଲେ ଯେ, ମୋର ଲୌହ କବଚଟିକୁ ପିନ୍ଧି ପକାଅ ! ହଜରତ୍ ଜୈଦ୍ ର.ଅ କିଛି ସମୟ ପାଇଁ ସେହି ଲୌହ କବଚଟିକୁ ପିନ୍ଧି ପୁନଶ୍ଚ ଓହ୍ଲାଇ ଦେଲେ । ଯେତେବେଳେ ହଜରତ୍ ଉମର୍ ର.ଅ ହଜରତ୍ ଜୈଦ୍ ର.ଙ୍କୁ ଲୌହ କବଚ ଓହ୍ଲାଇବାର କାରଣ ପଚାରିଲେ ସେତେବେଳେ ହଜରତ୍ ଜୈଦ୍ ର.ଅ ଉତ୍ତରେ ଦେଲେ ଯେ, ମୁଁ ମଧ୍ୟ ଏହି ଶାହଦତର ଅଭିଳାଷୀ ଯେଉଁ ଶାହାଦତ୍ ପାଇବା ପାଇଁ ଆପଣ କାମନା କରୁଛନ୍ତି ବା ଅପେକ୍ଷାରତ ଅଛନ୍ତି । ସୁତରାଂ ଏ ଦୁହେଁ ସେହି ଲୌହ କବଚକୁ ଓହ୍ଲାଇ ଦେଲେ ।

ହଜରତ୍ ଜୈଦ୍ ବିନ୍ ଖତ୍ତାବ୍ ର.ଅଙ୍କଠୁ ବର୍ଣ୍ଣନା କରାଯାଏ ଯେ, ହଜ୍ଜତୁଲ୍ ୱିଦା ଅବସରରେ ରସୁଲୁଲ୍ଲାଃ ସ.ଅ କହିଲେ ଯେ, ନିଜ ଅଧୀନରେ ଥିବା ଦାସମାନଙ୍କର ପ୍ରଯତ୍ନ ନିଅନ୍ତୁ, ନିଜ ଅଧୀନରେ ଥିବା ଦାସମାନଙ୍କର ପ୍ରଯତ୍ନ ନିଅନ୍ତୁ । ସେମାନଙ୍କୁ ସେହି ଖାଦ୍ୟରୁ ଖୁଆନ୍ତୁ ଯେଉଁ ଖାଦ୍ୟ ତୁମେମାନେ ଖାଉଛ ଏବଂ ତୁମେମାନେ ଯେଉଁ ବସ୍ତ୍ର ବା ପୋଷାକ ପିନ୍ଧୁଛ ବା ପରିଧାନ କର ସେହିପରି ପୋଷାକ ତାଙ୍କୁ ମଧ୍ୟ ପରିଧାନ କରିବା ପାଇଁ ଦିଅ । ଯଦି ସେମାନେ ଏପରି କୌଣସି ଦୋଷ ବା ଭୁଲ୍ କରି ଦିଅନ୍ତି ଯାହାକି କ୍ଷମାଯୋଗ୍ୟ ନୁହେଁ । ତେବେ ହେ ଈଶ୍ୱରଙ୍କର ଭକ୍ତମାନେ ସେ ପରିପ୍ରେକ୍ଷୀରେ ତୁମେମାନେ ସେମାନଙ୍କୁ ବିକ୍ରି କରିଦିଅ ଏବଂ ସେମାନଙ୍କୁ ଶାସ୍ତି ବା ଦଣ୍ଡ ଦିଅ ନାହିଁ । ୟମାମା ଯୁଦ୍ଧରେ ଯେତେବେଳେ ମୁସଲମାନମାନେ ପଳାୟନ କରିବାକୁ ଲାଗିଲେ ସେତେବେଳେ ହଜରତ୍ ଜୈଦ୍ ବିନ୍ ଖତ୍ତାବ ର.ଅ ଉଚ୍ଚ ସ୍ୱରରେ ପ୍ରାର୍ଥନା କରିବାକୁ ଲାଗିଲେ ଯେ, ହେ ଅଲ୍ଲାଃ ! ମୁଁ ତୁମ ନିକଟରେ ନିଜ ସାଥୀମାନଙ୍କର ପଳାୟନ କରିବା ଯୋଗୁଁ କ୍ଷମାପ୍ରାର୍ଥୀ ଅଟେ । ଅର୍ଥାତ୍ ମୁସୈଲମା କଜ୍ଜ ।ବ୍ ଓ ମୁହକମ୍ ଜୈଦ୍ ବିନ୍ ତୁଫୈଲ୍ଯେଉଁ କାମ କରିଛନ୍ତି । ସେହି କାର୍ଯ୍ୟରୁ ମୁଁ ତୁମ ନିକଟରେ ନିଜର ନିର୍ଦ୍ଦୋଷତା ପ୍ରକଟ ବା ବ୍ୟକ୍ତ କରୁଅଛି । ପୁନଶ୍ଚ ସେ ଧ୍ୱଜାଟିକୁ ଦୃଢଭାବେ ଧରି ଶତ୍ରୁମାନଙ୍କ ଧାଡ଼ିରେ ଅଗ୍ରସର ହୋଇ ନିଜ ତରବାରୀର ଦକ୍ଷତା ପ୍ରଦର୍ଶନ କରିବାକୁ ଲାଗିଲେ । ଏପର୍ଯ୍ୟନ୍ତ କି ସେ ଶହୀଦ୍ ହୋଇଗଲେ । ଯେତେବେଳେ ହଜରତ୍ ଜୈଦ୍ ର.ଅ ଶହୀଦ୍ ହୋଇଗଲେ ସେତେବେଳେ ହଜରତ୍ ଉମର୍ ର.ଅ କହିଲେ, ଅଲ୍ଲାଃତାଲା ଜୈଦ୍ ର.ଅ ଉପରେ କୃପା ଅବତୀର୍ଣ୍ଣ କରନ୍ତୁ । ମୋର ଭାଇ ଦୁଇଟି ପୁଣ୍ୟରେ ମୋ ଠାରୁ ଆଗେଇ ଯାଇଛି । ଅର୍ଥାତ୍ ଇସଲାମ୍ ଧର୍ମ ଗ୍ରହଣ କରିବାରେ ଏବଂ ଅନ୍ୟଟି ହେଉଛି ମୋ ପୂର୍ବରୁ ସେ ଶହୀଦେ ହୋଇଗଲେ । ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ହଜରତ୍ ଉମର୍ ର.ଅ ମୁତମ୍ମିମ୍ ବିନ୍ ନୱିରାହକୁ ତା ଭାଇର ସ୍ମୃତିରେ ଶୋକଗୀତ କହୁଥିବାର ଶୁଣିଲେ । ତେଣୁ ହଜରତ୍ ଉମର୍ ର.ଅ କହିଲେ ଯେ, ଯଦି ମୁଁ ବି ତୁମ ପରି ଭଲ କବିତାଟିଏ

କହିପାରୁଥାଆନ୍ତି ତେବେ ମୁଁ ମୋ ଭାଇ ଜ୍ୱୈଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଧ୍ୟ ଏହିପରି କବିତା କହିଥାଆନ୍ତି ଯେପରି ତୁମେ ନିଜ ଭାଇ ପାଇଁ କହିଛ । ତେଣୁ ମୁତମ୍ମିମ୍ ବିନ୍ ନୱିରାହ୍ ଉତ୍ତର ଦେଲେ ଯେ, ଯଦି ମୋ ଭାଇ ବି ଏହିପରି ସଂସାରରୁ ବାହୁଡ଼ି ଯାଇଥାଆନ୍ତା ଯେପରି ତୁମର ଭାଇ ସଂସାରରୁ ବାହୁଡ଼ି ଯାଇଛି । ତେବେ ସେ ପରିପ୍ରେକ୍ଷାରେ ମୁଁ କେବେହେଲେ ଦୁଃଖିତ ହୋଇ ନଥାଆନ୍ତି । ପ୍ରତ୍ୟୁତ୍ତରରେ ହଜ଼ରତ୍ ଉମର୍ ର.ଅ କହିଲେ ଯେ, ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି କେବେ ହେଲେ ମୋ ସହିତ ଏପରି ଶୋକ (ବ୍ୟକ୍ତ) କରି ନାହିଁ ଯେପରି ତୁମେ ଶୋକ (ବ୍ୟକ୍ତ) କରିଅଛ ।

ଏହି ଘଟଣାର ଆଉ ଏକ ବିସ୍ତୃତ ବିବରଣୀ ରିୱାୟତରେ ଦେଖିବାକୁ ମିଳେ ଏବଂ ତାହା ହେଉଛି ଯେ, ହଜ଼ରତ୍ ଉମର୍ ହଜ଼ରତ୍ ମୁତମ୍ମିମ୍ ବିନ୍ ନୱିରାହ୍ ର.ଅଙ୍କଠୁ ବର୍ଣ୍ଣନା କରିଛନ୍ତି ଯେ, ତୁମେ ନିଜ ଭାଇକୁ ହରାଇଥିବାରୁ କେତେ ଦୁଃଖିତ ? ସେ ନିଜର ଗୋଟିଏ ଚକ୍ଷୁ ଆଡ଼କୁ ଇଙ୍ଗିତ କରି କହିଲେ ଯେ, ମୋର ଏହି ଆଖିଟି ସେହି ଦୁଃଖ (କଷ୍ଟ) ଯୋଗୁଁ ହିଁ ନଷ୍ଟ ହୋଇଯାଇଛି । ମୁଁ ମୋର ସେହି ଭଲ ଚକ୍ଷୁ ସହିତ ଏତେ କ୍ରନ୍ଦନ କଲି ଯେ, ମୋର ନଷ୍ଟ ହୋଇଯାଇଥିବା ଚକ୍ଷୁ ମଧ୍ୟ ଅଶ୍ରୁ ବୋହିବାରେ ସେହି ଭଲ ଚକ୍ଷୁକୁ ସହାୟକ ହୋଇଥିଲା । ହଜ଼ରତ୍ ଉମର୍ ର.ଅ କହିଲେ ଯେ, ଏହା ଏପରି ଏକ ଦୁଃଖ ଦାୟକ, ହୃଦୟକୁ ଆଘାତ ଦେଲାଭଳି ଘଟଣାଟି ଥିଲା ଯେ, କୌଣସି ବ୍ୟକ୍ତି ନିଜର ମୃତ୍ୟୁ ପ୍ରାପ୍ତ କରିଥିବା ପରିଜନ ବ୍ୟକ୍ତି ପାଇଁ ମଧ୍ୟ ଏତେ କ୍ରନ୍ଦନ ଏବଂ ଦୁଃଖ ପରିପ୍ରକାଶ କରି ନଥିବ । ପୁନଶ୍ଚ ହଜ଼ରତ୍ ଉମର୍ ର.ଅ କହିଲେ ଯେ, ଅଲ୍ଲାଃତାଲା ଜ୍ୱୈଦ୍ ବିନ୍ ଖତ୍ତାବ୍ ର.ଅଙ୍କ ଉପରେ ସଦୈବ କୃପା ଅବତୀର୍ଣ୍ଣ କରନ୍ତୁ ଯେ, ଯଦି ମୁଁ ଏପରି କବିତା କହିବାର ସାମର୍ଥ୍ୟ ରଖନ୍ତି ତେବେ ମୁଁ ମଧ୍ୟ ଜ୍ୱୈଦ୍ ର.ଅଙ୍କ ବିୟୋଗ ପରେ ତାଙ୍କ ପାଇଁ ଏହିପରି କ୍ରନ୍ଦନ କରିଥାଆନ୍ତି । ଯେପରିକି ତୁମେ ନିଜ ଭାଇଁ ପାଇଁ କ୍ରନ୍ଦନ କରୁଅଛ । ହଜ଼ରତ୍ ମୁତମ୍ମିମ୍ ର.ଅ କହିଲେ ଯେ, ହେ ଅମିରୁଲ୍ ମୁମେନିନ୍ ! ଯଦି ମୋର ଭାଇ ୟମାମା ଯୁଦ୍ଧ ଦିନ ଏହିପରି ଶହୀଦ୍ ହୋଇଯାଏ ଯେପରି ତୁମର ଭାଇ ଶହୀଦ୍ ହୋଇଛନ୍ତି । ତେବେ ମୁଁ କେବେହେଲେ ତାଙ୍କ ବିୟୋଗରେ ଅଶ୍ରୁ ଏବଂ କ୍ରନ୍ଦନ କରୁ  ନଥାଆନ୍ତି । ଏହି କଥା ହଜ଼ରତ୍ ଉମର୍ ର.ଅଙ୍କ ମନ ଭିତରେ ଏକ ଗଭୀର ଆଲୋଡ଼ନ ସୃଷ୍ଟି କଲା ଏବଂ ତାଙ୍କୁ ନିଜର ଜ୍ୟୋଷ୍ଠ ଭ୍ରାତାଙ୍କ ବିୟୋଗ ବିଷୟରେ ଏକ ପ୍ରକାରର ଆଶ୍ୱସ୍ତି ମିଳିଲା । ତଥାପି ହଜ଼ରତ୍ ଉମର୍ ର.ଅ ନିଜର ଭ୍ରାତାଙ୍କୁ ହରାଇଥିବାରୁ ସେ ବହୁତ ଦୁଃଖିତ ଥିଲେ । ସେ କହୁଥିଲେ ଯେ, ଯେତେବେଳେ ପ୍ରାତଃବେଳା ପୂର୍ବ ଦିଗରୁ ପବନ ବହେ ସେତେବେଳେ ମୋ ନିକଟକୁ ହଜ଼ରତ୍ ଜ୍ୱୈଦ୍ ବିନ୍ ଖତ୍ତାବ ର.ଙ୍କର ଭୁରୁ ଭୁରୁ ସୁଗନ୍ଧ ସେହି ପବନରେ ବହି ଚାଲି ଆସିଥାଏ।

ହଜ଼ରତ୍ ଜ୍ୱୈଦ୍ ବିନ୍ ଖତ୍ତାବ୍ ର.ଅଙ୍କୁ ଅବୁ ମରିୟମ୍ ଅଲ୍ ହନଫି ଶହୀଦ୍ କରିଥିଲା । ଏକଦା ହଜ଼ରତ୍ ଉମର୍ ର.ଅ ଅବୁ ମରିୟମଙ୍କୁ ପ୍ରଶ୍ନ କଲେ ଯେ, କ'ଣ ତୁମେ ହିଁ ମୋ ଭ୍ରାତାଙ୍କୁ ଶହୀଦ୍ କରିଥିଲ ? ସେତେବେଳେ ସେ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇସାରିଥିଲେ । ସେତେବେଳେ ସେ ଉତ୍ତର ଦେଲା ଯେ, ହେ ଅମିରୁଲ୍ ମୁମେନିନ୍ ! ଅଲ୍ଲାଃତାଲା ହଜ଼ରତ୍ ଜ୍ୱୈଦ୍ ର.ଅଙ୍କୁ ମୋରି ହସ୍ତରେ ହିଁ ସମ୍ମାନ ଦେଇଥିଲେ ଏବଂ ଅଲ୍ଲାଃତାଲା କ'ଣ ମୋତେ ଅସମ୍ମାନିତ କଲେ ନାହିଁ କି ? ହଜ଼ରତ୍ ଉମର୍ ର.ଅ ଅବୁ ମରିୟମଙ୍କୁ କହିଲେ ଯେ, ତୁମ ମତରେ ସେହି ଦିନ ଅର୍ଥାତ୍ ୟମାମା ଯୁଦ୍ଧ ଦିନ ମୁସଲମାନମାନେ ତୁମର କେତେ ଜଣ ଲୋକଙ୍କୁ ବଧ କରିଥିଲେ । ଅବୁ ମରିୟମ୍ ଉତ୍ତର ଦେଲେ ଯେ, ୧୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ । ହଜ଼ରତ୍ ଉମର୍ ର.ଅ ଏହା ଶୁଣି କହିଲେ ଯେ, ତାହା କେତେ ଦୁଃଖଦାୟକ ବଧ ଥିଲା ଯେ, ଏମାନେ ଏପରି ହତଭାଗ୍ୟ ବଧିତ ତଥା ହତିତ ଲୋକଥିଲେ ଯେଉଁମାନେକି ମୁସଲମାନମାନଙ୍କ ହସ୍ତରେ ବଧିତ ହୋଇଥିଲେ । ଅବୁ ମରିୟମ୍ କହିଲା ଯେ, ସକଳ ପ୍ରଶଂସା କେବଳ ଅଲ୍ଲାଃତାଲାଙ୍କ ପାଇଁ ହିଁ ଉଦ୍ଦିଷ୍ଟ ଯିଏକି ମୋତେ ଜୀବିତ ରଖିଲେ । ଏପର୍ଯ୍ୟନ୍ତି କି ମୁଁ ଏହି ଇସଲାମ୍ ଧର୍ମ ଆଡ଼କୁ ଆନତ ହୋଇ ପ୍ରତ୍ୟାବର୍ତ୍ତନ କଲି । ଅଲ୍ଲାଃତାଲା ଯିଏକି ଇସଲାମ୍ ଧର୍ମକୁ ନିଜର ବାର୍ତ୍ତାବହ (ନବୀ) ତଥା ମୁସଲମାନମାନଙ୍କ ପାଇଁ ପସନ୍ଦ କରିଥିଲେ । ହଜ଼ରତ୍ ଉମର୍ ର.ଅ ଅବୁ ମରିମୟମଙ୍କ ଏହି କଥାକୁ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅବୁ ମରିୟମ୍ ବସରାର କ୍ୱାଜି ରୂପେ ନିଯୁକ୍ତ ହୋଇଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଲା ହଜ଼ରତ୍ ଉବାଦାହ୍ ବିନ୍ ***ଖଶ୍ଖାଶ୍*** ର.ଅ । ସେ ହଜ଼ରତ୍ ମୁଯଜ୍ଜ଼ର୍ ବିନ୍ ଜ଼ିୟାଦଙ୍କ ଦାଦାଙ୍କ ପୁତ୍ର ଥିଲେ । ହଜ଼ରତ୍ ଉବାଦାହ୍ ବିନ୍ ***ଖଶ୍ଖାଶ୍*** ବଦର୍ ଯୁଦ୍ଧରେ ଶାମିଲ୍ ଥିଲେ । ସେ କ୍ୱୈସ୍ ବିନ୍ ସାଏବଙ୍କୁ ବଦର୍ ଯୁଦ୍ଧରେ ବନ୍ଦୀ କରିଥିଲେ । ହଜ଼ରତ୍ ଉବାଦାହ୍ ବିନ୍ ***ଖଶ୍ଖାଶ୍*** ଓହୋଦ୍ ଯୁଦ୍ଧ ଦିନ ଶହୀଦ୍ ହୋଇଥିଲେ । ତାଙ୍କୁ ନୁମାନ୍ ବିନ୍ ମାଲିକ୍ ଏବଂ ହଜ଼ରତ୍ ମୁଯଜ୍ଜ଼ର ବିନ୍ ଜ଼ିୟାଦଙ୍କ ସହିତ ଗୋଟିଏ କବରରେ କବର ଦିଆଯାଇଥିଲା ।

ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଅବଦୁଲ୍ଲାଃ ବିନ୍ ଜଦ୍ । ତାଙ୍କ ପିତାଙ୍କ ନାମ ଜଦ୍ ବିନ୍ କ୍ଵୈସ୍ ଥିଲା । ତାଙ୍କର ସାଂଜ୍ଞା ଅବୁ ଓ୍ୱହବ୍ ଥିଲା । ସେ ବନୁ ସଲମା ସଂପ୍ରଦାୟଭୁକ୍ତ ଥିଲେ । ତେଣୁ ସେହି ସଂପ୍ରଦାୟଟି ଅନସାରଙ୍କର ସଂପ୍ରଦାୟ ଥିଲା । ସେ ମୁଆଜ୍ ବିନ୍ ଜବଲ୍ ର.ଅଙ୍କ ମାତାଙ୍କ ପଟୁ ମଧ୍ୟ ତାଙ୍କର ଭାଇ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ହାରିସ୍ ବିନ୍ ଅସ୍ ବିନ୍ ମୁଆଜ୍ ର.ଅ । ସେ ଅସ୍ ସଂପ୍ରଦାୟର ଅଧ୍ୟକ୍ଷ ଥିଲେ ଏବଂ ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼ଙ୍କ ପୁତୁରା ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ତାଙ୍କ ସଂକ୍ରାନ୍ତରେ ଏହା ଉଲ୍ଲେଖ ରହିଛି ଯେ, ସେ ୨୮ ବର୍ଷ ବୟସରେ ବଦର୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ । କିନ୍ତୁ ଅନ୍ୟ କେତେକ ବିବରଣୀରୁ ଏହା ଜଣାଯାଏ ବା ଜଣାପଡ଼େ ଯେ, ସେ ଓହୋଦ୍ ଯୁଦ୍ଧରେ ଶହୀଦ୍ ହୋଇ ନଥିଲେ । ହଜ଼ରତ୍ ହାରିସଙ୍କ ବିଷୟରେ ବର୍ଣ୍ଣନା କରଯାଏ ଯେ, ସେ ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନେ କାଆବ୍ ବିନ୍ ଅଶରଫଙ୍କୁ ହତ୍ୟା କରିଥିଲେ ଏବଂ ସେହି ଆକ୍ରମଣ ସମୟରେ ତାଙ୍କ ପାଦରେ କ୍ଷତ ଲାଗିବାରୁ ରକ୍ତ କ୍ଷରିତ ହେବାକୁ ଲାଗିଲା । ସେ ନିଜର ସାଥୀମାନଙ୍କ ତରବାରୀର ମୁନ ଅର୍ଥାତ୍ ଅଗ୍ରଭାଗ ଯୋଗୁଁ କ୍ଷତାକ୍ତ ହୋଇଥିଲେ । ତେଣୁ ତାଙ୍କର ସାଥୀମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଯଥାଶୀଘ୍ର ମଦିନାକୁ ଆଣିଥିଲେ ଏବଂ ଆଁହଜ଼ରତ୍ ସ.ଅଙ୍କ ସେବା ତଥା ସମ୍ମୁଖରେ ଉପସ୍ଥିତ ହୋଇଥିଲେ । ସୁତରାଂ ଆଁହଜ଼ରତ୍ ସ.ଅ ହାରିସ୍ ବିନ୍ ଅସଙ୍କ କ୍ଷତରେ ନିଜର ପବିତ୍ର ଛେପ ବା ଲାଳ ଲେପନ କରିଥିଲେ ଏବଂ ଏହା ପରେ ଆଉ ତାଙ୍କୁ କଷ୍ଟ ସହ୍ୟ କରିବାକୁ ପଡ଼ି ନଥିଲା ।

ହୁଜୁର୍ ଅନଓ୍ୱର୍ କହିଲେ ଯେ, ଏହି ଘଟଣାର ସଂପୂର୍ଣ୍ଣ ବିବରଣୀ ସଂପର୍କରେ ଯାହା ହଜ଼ରତ୍ ମିର୍ଜା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରିଛନ୍ତି ତାହା ସଂପର୍କରେ ମୁଁ ଆଲୋଚନା କରିବି । ହଜ଼ରତ୍ କାଆବ୍ ର.ଅଙ୍କୁ ଏହି ମର୍ଯ୍ୟାଦା ବା ଖ୍ୟାତି ପ୍ରାପ୍ତ ହୋଇଥିଲା ଯେ, ଆରବର ସମସ୍ତ ଇହୁଦୀମାନେ ତାଙ୍କୁ ନିଜର ଅଧ୍ୟକ୍ଷ ରୂପେ ସ୍ଵୀକାର କରୁଥିଲେ । କିନ୍ତୁ ଚାରିତ୍ରିକ ଦୃଷ୍ଟିକୋଣରୁ ସେ ଜଣେ ମନ୍ଦ ଓ ଖଳ ବ୍ୟକ୍ତି ଥିଲା । ଗୁପ୍ତ ଚାଲ୍ (କୌଶଳୀ) ଏବଂ ଷଡ଼ଯନ୍ତ୍ର କରିବାରେ ସେ ସିଦ୍ଧ ହସ୍ତ ଥିଲେ । ଯେତେବେଳେ ଆଁହଜ଼ରତ୍ ସ.ଅ ମଦିନାକୁ ପ୍ରବାସ କଲେ ସେତେବେଳେ କାଆବ୍ ବିନ୍ ଅଶରଫ୍ ଅନ୍ୟ ଇହୁଦିମାନଙ୍କ ସହିତ ମିଶି ଏକ ଚୁକ୍ତିରେ ଅଂଶଗ୍ରହଣ କରିଥିଲା । ଯାହାକି ଅତ୍ୟନ୍ତ ବିଦ୍ରୋହାତ୍ମକ ନୀତି ଏବଂ ଉପଦ୍ରବୀ ନୀତି ଥିଲା । ବଦର୍ ଯୁଦ୍ଧ ପରେ ସେ ମକ୍କା ଗଲା ଏବଂ ନିଜର ସ୍ନିଗ୍ଧ ତଥା ମଧୁର ବଚନ ବଳରେ ସେ କୁରେଶମାନଙ୍କର ମନକୁ ଜିଣି ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରତିହିଂସାର ଅଗ୍ନୀ ପ୍ରଜ୍ଜ୍ୱଳିତ କରିଥିଲା । ସେହିପରି ସେ ଅନ୍ୟ ସଂପ୍ରଦାୟଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରରୋଚିତ ବା ପ୍ରବର୍ତ୍ତାଇ ଥିଲା ଏବଂ ମୁସଲମାନ ମହିଳାମାନଙ୍କ ପ୍ରତି ଅତ୍ୟନ୍ତ ଅଶ୍ଳୀଳ ଶୈଳୀରେ ସେମାନଙ୍କର ଚର୍ଚ୍ଚା କରୁଥିଲା । ଏପର୍ଯ୍ୟନ୍ତକି ଆଁହଜ଼ରତ୍ ସ.ଅଙ୍କ ବଂଶୀୟ ଅନ୍ତର୍ଭୁକ୍ତ ମହିଳାମାନଙ୍କୁ ମଧ୍ୟ ଏହି ଅଶ୍ଳୀଳ ତଥା ଦୂରାଚାରୀ କବିତାର ଶରବ୍ୟ ହେବାକୁ ପଡିଥିଲା ଏବଂ ସେ ଆଁହଜ଼ରତ୍ ସ.ଅଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର ଏବଂ ଯୋଜନା ମଧ୍ୟ ପ୍ରସ୍ତୁତ କରିସାରିଥିଲା । ଯେତେବେଳେ ଏହି ଦୂରାଚାରୀର ପାପ ଚରମ ସୀମାକୁ ଲଂଘି ଯାଇଥିଲା ଅର୍ଥାତ୍ କାଆବଙ୍କ ବିରୁଦ୍ଧରେ ବଚନ ଭଙ୍ଗ, ବିଦ୍ରୋହ, ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇବା, ବିଶ୍ୱାସଘାତକତା, ଚପଳାମୀ, ଅଶ୍ଳୀଳ ଭାଷାର ପ୍ରୟୋଗ ଏବଂ ହତ୍ୟାର ଷଡ଼ଯନ୍ତ୍ର ଆଦି ଦୋଷ ସବୁ ପ୍ରମାଣିତ ହୋଇ ସାରିବା ପରେ ସେ ଦୋଷୀ ସାବ୍ୟସ୍ତ ହେଲା । ସେତେବେଳେ ଆଁହଜ଼ରତ୍ ସ.ଅ ଯିଏକି ମଦିନାର ଅଧିପତି ତଥା ଉଚ୍ଚାଧିକାରୀ ଥିଲେ ଏହି ନ୍ୟାୟ ଦେଲେ ଯେ, କାଆ୍ ବିନ୍ ଅଶରଫ୍ ନିଜର କୁକୃତ୍ୟ ଯୋଗୁଁ ଓ୍ୱାଜିବୁଲ୍ କତଲ୍ (ଅର୍ଥାତ୍ ବଧ ଯୋଗ୍ୟ) ଅଟେ ଏବଂ ଆଁହଜ଼ରତ୍ ସ.ଅ ନିଜର ସାହାବିମାନଙ୍କୁ ଏହି ନିର୍ଦ୍ଦେଶଦେଲେ ଯେ, ଏହି ଦୂରାଚାରୀ ବ୍ୟକ୍ତିକୁ ଗୁପ୍ତ ରୂପେ ବଧ କରି ଦିଆଯାଉ । ସୁତରାଂ ଆଁହଜ଼ରତ୍ ସ.ଅ ଏହି କାର୍ଯ୍ୟ ପାଇଁ ଅସ୍ ସଂପ୍ରଦାୟର ଜଣେ ନିଷ୍ଠାବାନ୍ ବ୍ୟକ୍ତି ତଥା ସାହାବି ହଜ଼ରତ୍ ମହମହମ୍ମଦ୍ ବିନ୍ ମୁସଲ୍ଲମାଙ୍କୁ ଦାୟୀତ୍ୱ ହସ୍ତାନ୍ତରିତ କରିଥିଲେ ।

ଯେତେବେଳେ କାଆବର ବଧ ସଂପର୍କିତ ଖବର ଚତୁର୍ଦିଗରେ ପ୍ରଚାରିତ ହୋଇଗଲା ସେତେବେଳେ ଇହୁଦିମାନେ ଆକ୍ରୋଶ ତଥା ଉତ୍ୟକ୍ତ ହୋଇଗଲେ । ପରବର୍ତ୍ତୀ ଦିନ ତାଙ୍କର ଏକ ପ୍ରତିନିଧି ଦଳ ଆଁହଜ଼ରତ୍ ସ.ଅଙ୍କ ନିକଟକୁ ଉପସ୍ଥିତ ହୋଇ ଅଭିଯୋଗ କଲା ଯେ, ଆମର ଅଧ୍ୟକ୍ଷ କାଆବ୍ ବିନ୍ ଅଶରଫଙ୍କୁ ବିନା ଦୋଷରେ ହତ୍ୟା କରଦିଆଯାଇଛି । ତେବେ ଆଁହଜ଼ରତ୍ ସ.ଅ ସେମାନଙ୍କର ଏହି ଅଭିଯୋଗକୁ ଶୁଣି ଏହା କହିଲେ ନାହିଁ ଯେ, ମୁଁ ଏହା ସଂପର୍କରେ କିଛି ଜାଣି ନାହିଁ ବା ଏପରି କୌଣସି କଥା ଘଟି ନାହିଁ ବୋଲି ମନ୍ତବ୍ୟ ଦେଲେ । ତାହା ନୁହେଁ । ବରଂ ଆଁହଜ଼ରତ୍ ସ.ଅ କହିଲେ ଯେ, କ'ଣ ତୁମେମାନେ ଏ ସଂପର୍କରେ କିଛି ଜାଣିଛ କି ବା ତୁମମାନଙ୍କୁ କିଛି ଜଣା ଅଛି ଯେ, କାଆବ୍ କେଉଁ କେଉଁ ଦୋଷଗୁଡ଼ିକ କରିଅଛି ? ପୁନଶ୍ଚ ହୁଜୁର୍ ସ.ଅ କାଆବର ବଚନ ଭଙ୍ଗ, ବିଦ୍ରୋହ, ଯୁଦ୍ଧ କରିବା

ପାଇଁ ପ୍ରବର୍ତ୍ତାଇବା, ବିଶ୍ୱାସଘାତକତା, ଚପଳାମୀ, ଅଶ୍ଳୀଳ ଭାଷାର ପ୍ରୟୋଗ ଏବଂ ହତ୍ୟାର ଷଡ଼ଯନ୍ତ୍ର ଆଦି କାର୍ଯ୍ୟନୁଷ୍ଠାନ ସଂପର୍କରେ ମନେପକାଇଲେ । ଯାହାକୁ ସେହି ଇହୁଦିମାନେ ଶୁଣି ନିରୁତ୍ତର ହୋଇଗଲେ । ସେମାନଙ୍କୁ ଜଣାପଡ଼ିଲା (ଅର୍ଥାତ୍ ସେମାନେ ଜାଣିଥିଲେ) ଯେ, ହଁ କଥାଟି ତ' ସଂପୂର୍ଣ୍ଣ ବାସ୍ତବ ଓ ସତ ଅଟେ ଏବଂ ଏହାର ପରିଣତି, ଶାସ୍ତି ହିଁ ହେବା ଉଚିତ୍ ।

ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ପାଶ୍ଚାତ୍ୟ ଐତିହାସିକମାନେ ଏହି ଆପତ୍ତି ତଥା ଅଭିଯୋଗ କରନ୍ତି ଯେ, ଆଁହଜ଼ରତ୍ ସ.ଅ ଏକ ବେଆଇନ ତଥା ବିଧି ବିରୁଦ୍ଧୀୟ ହତ୍ୟା କରାଇଛନ୍ତି ଏବଂ ଯାହାକି ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ ।

ଏହାର ଉତ୍ତରରେ ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ସାଂପ୍ରତିକ ଯୁଗରେ ମାର୍ଜିତ ବୋଲାଉଥିବା ରାଷ୍ଟ୍ରମାନେ ବିଦ୍ରୋହ, ବଚନ ଭଙ୍ଗ, ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇବା, ବିଶ୍ୱାସଘାତକତା, ଚପଳାମୀ, ଅଶ୍ଳୀଳ ଭାଷାର ପ୍ରୟୋଗ ଏବଂ ହତ୍ୟାର ଷଡ଼ଯନ୍ତ୍ର ଆଦି କାର୍ଯ୍ୟନୁଷ୍ଠାନ ପାଇଁ ଦୋଷୀକୁ କେବଳ କଠୋର ଶାସ୍ତି ଦିଅନ୍ତି ନାହିଁ ବରଂ ସେହି ଦୋଷୀମାନଙ୍କୁ ଏଭଳି କାର୍ଯ୍ୟ ପାଇଁ ମୃତ୍ୟୁଦଣ୍ଡ ଦେଇଥାଆନ୍ତି । ସୁତରାଂ ଆଁହଜ଼ରତ୍ ସ.ଅଙ୍କର ଏଭଳି କାର୍ଯ୍ୟ କରିବା କିଛି ବେଆଇନ, ଅସଙ୍ଗତ ବା ଭୁଲ୍ ନୁହେଁ ।

ହୁଜୁର୍ ଅନୱର୍ କହିଲେ ଯେ, ପୁନଶ୍ଚ ହତ୍ୟା ବା ବଧ୍ ସଂପର୍କରେ ଦ୍ୱିତୀୟ ପ୍ରଶ୍ନଟି ହେଲା ଯେ, ତାହାକୁ ଅର୍ଥତ୍ କାଆବ୍ ବିନ୍ ଅଶରଫକୁ ଗୁପ୍ତରୂପେ କାହିଁକି ବଧ କରାଗଲା ? ତେବେ ଏ ସଂକ୍ରାନ୍ତରେ ସେ (ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍) ଉଲ୍ଲେଖ କରନ୍ତି ଯେ, ଏହା ମନେରଖିବା ଉଚିତ୍ ଯେ, ଆରବରେ ସେ ସମୟରେ କୌଣସି ନିୟମିତ ରାଜତନ୍ତ୍ର ନଥିଲା । ଜଣେ ଶାସକ ତ' ନିଯୁକ୍ତ ହେଉଥିଲା । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ସଂପ୍ରଦାୟ ସ୍ୱାଧୀନ ଏବଂ ସ୍ୱାୟତ୍ତ ଥିଲା । ତେଣୁ ଏଭରି ପରିସ୍ଥିତିରେ ଏପରି କୌଣସି ନ୍ୟାୟାଳୟ ରହିଥିଲା କି ? ଯେଉଁଠି କାଆବ୍ ସଂପର୍କରେ ମକଦମା ଦାଏର୍ କରି ନିୟମିତ ରୂପେ ବଧ ତଥା ହତ୍ୟାର ଆଦେଶ ଦିଆ ଯାଇଥାଆନ୍ତା । ଇହୁଦିମାନେ ବିଶ୍ୱାସଘାତକତା କରିସାରିଥିଲେ । ସଲିମର ସଂପ୍ରଦାୟ ଏବଂ ଗତଫାନର ସଂପ୍ରଦାୟ ମଦିନାରେ ଚଢ଼ାଉ କରିବା ପାଇଁ ଯୋଜନା ପ୍ରସ୍ତୁତ କରିସାରିଥିଲେ । ଏହା ଛଡ଼ା ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ମୁସଲମାନମାନଙ୍କ ପାଖରେ କାଆବକୁ ବଧ କରିବା ବ୍ୟତୀତ ଆଉ ଅନ୍ୟ କୌଣସି ଉପାୟ ବା ବାଟ ଖୋଲା ନଥିଲା ଏବଂ ମୁସଲମାନମାନେ ଆତ୍ମରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ । କାରଣ ଏହା ସଂପୂର୍ଣ୍ଣ ଉଚିତ୍ ଯେ, ଜଣେ ଉପଦ୍ରବୀ ଏବଂ ଦୂରାଚୀରୀ ତଥା ପାପୀ ବ୍ୟକ୍ତି ଯୋଗୁଁ ଶାନ୍ତି ସ୍ଥାପିତ ହୋଇଥିବା ସହରୀ ନାଗରିକମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୁଏ ଏବଂ ଦେଶର ଶାନ୍ତି ବ୍ୟାହତ ହୁଏ ତେବେ ଏଭଳି ପରିସ୍ଥିତରେ ସେହି ଦୂରାଚାରୀର ବଧ ହୋଇଯିବା କୌଣସି ପାପ ନୁହେଁ ।

ସୁତରାଂ ୧୩୦୦ ବର୍ଷ ପରେ ଇସଲାମ୍ ଉପରେ ଆପତ୍ତିକାରୀଙ୍କର ଏହି ଆପତ୍ତିଟି ପୁରାପୂରି ମୂଲ୍ୟହୀନ, ଭିତ୍ତିହୀନ ଏବଂ ନିରର୍ଥକ ଅଟେ । କାରଣ ସେ ସମୟରେ ତ' ଆଁହଜ଼ରତ୍ ସ.ଅଙ୍କର କଥା ଏବଂ ପ୍ରମାଣଗୁଡ଼ିକୁ ଶୁଣି ଇହୁଦିମାନେ ତ' କୌଣସି ଆପତ୍ତି କରି ନଥିଲେ । ସୁତରାଂ ଅଲ୍ଲାଃତାଲା ସର୍ବଦା ସେହି ଉପଦ୍ରବରୁ ମୁସଲମାନମାନଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ଏହି ଯୁଗରେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ପଥପ୍ରଦର୍ଶକ ଏବଂ ଯୁଗପ୍ରବର୍ତ୍ତକ ଯିଏକି ଧର୍ମର ପୁନରୁଦ୍ଧାର ପାଇଁ ଧରାବତରଣ ହୋଇଛନ୍ତି । ତାଙ୍କୁ ସ୍ୱୀକାର କରିବାକୁ ଅଲ୍ଲାଃତାଲା ସମସ୍ତ ମୁସଲମାନମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

.......................................

**KHULASA KHUTBA JUMA HUZOOR ANWAR a.b.a**

**7th DEC 2018**

..................